## ବାଲିସିରାରେ ମିନି କଣ୍ଟେନମେଣ୍ଟ ଜୋନ୍

ଆସିକା,(ଡି.ଏନ୍.ଏ.): ଆସିକା ବ୍ଲକ ବାଲିସିରା ପଞ୍ଚାୟତ ଅନ୍ତର୍ଗତ ବାଲିସିରା ଗ୍ରାମରେ କରୋନା ସଂକ୍ରମଣକୁ ପ୍ରତିହତ କରିବା ଲକ୍ଷ୍ୟରେ କେତେକ ଅଞ୍ଚଳକୁ ଶୁକ୍ରବାର ସନ୍ଧ୍ୟାରୁ ମିନି କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ପଞ୍ଚାୟତର ସିଦ୍ଧେଶ୍ୱର ହାଇସ୍କୁଲ ଠାରୁ ଜନସେବା କେନ୍ଦ୍ର ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରୁ ରାଜୀବଗାନ୍ଧୀ ସେବା କେନ୍ଦ୍ର ଯାଏ କଣ୍ଟେନମେଣ୍ଟ ଜୋନର ପରିସରରେ ରହିଥିବା ବିଡିଓ ରୋଶନ ଶତପଥୀ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଗଞ୍ଜାମ ଜିଲାରେ ୧୫୦୫ ସକ୍ରିୟ କରୋନା ରୋଗୀ

ଛତ୍ରପୁର,୨।୫(ଡି.ଏନ.ଏ): ଗଞ୍ଜାମ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସଂକ୍ରମଣ ଚେନ୍ ଭାଙ୍ଗିବା ପାଇଁ ଜିଲାର ୧୮ ସହରାଞ୍ଚଳରେ ରାତ୍ର କର୍ଫ୍ୟୁ ଓ ସପ୍ତାହାନ୍ତ ଶଟ୍ ଡାଉନ୍ ଚାଲିଛି। ଦୋକାନ ବଜାର ଖୋଲିବା ସମୟରେ ମଧ କଟକଣା ଲଗାଯାଇଥିଲା। ଏହା ସତ୍ତ୍ୱେ ବି ସଂକ୍ରମଣ କମୁ ନ ଥିବାରୁ ଜିଲାର କେତେକ ଗ୍ରାମାଞ୍ଚଳରେ ମଧ ଶଟ୍‌ଡାଉନ୍ କରାଯାଇଥିବା ଦେଖିବାକୁ ମିଳିଥିଲା। ଜିଲାରେ ଆଉ ୧୬୯ ଜଣ ସଂକ୍ରମିତ ହୋଇଥିବା ବେଳେ ଜଣଙ୍କର କରୋନାରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଅପରପକ୍ଷରେ ଜିଲାର ୧୫୩ ଜଣ କରୋନାରୁ ସୁସ୍ଥ ହୋଇଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ରବିବାର ଟୁଇଟ୍ କରି ସୂଚନା ଦେଇଛନ୍ତି। ଏବେ ଜିଲାରେ ୧୫୦୫ ଜଣ ସକ୍ରିୟ କରୋନା ରୋଗୀ ଅଛନ୍ତି। ସମସ୍ତଙ୍କର ଚିକିତ୍ସା ଚାଲିଛି। ଶନିବାର ୨ ହଜାର ୪୭ ଜଣଙ୍କର କରୋନା ଟେଷ୍ଟ ହୋଇଥିଲା। ସେଥିମଧ୍ରୁ ସଂକ୍ରମିତ ଚିହ୍ନଟ ହୋଇଥିବା ୧୬୯ ଜଣଙ୍କ ମଧରେ ବ୍ରହ୍ମପୁର ମହାନଗରରୁ ସର୍ବାଧିକ ୯୧ ଜଣ, ଆସିକା ଓ ଛତ୍ରପୁରରୁ ୭ ଜଣ ଲେଖାଏ, ବେଗୁନିଆପଡା ଓ ପୋଲସରାରୁ ୪ ଜଣ ଲେଖାଏ, ବେଲଗୁଣ୍ଠା, ସାନଖେମୁଣ୍ଡି ଓ ସୋରଡାରୁ ୩ ଜଣ ଲେଖାଏ, ଭଞ୍ଜନଗର, ଖଲ୍ଲିକୋଟ ଓ ଶେରଗଡରୁ ଜଣେ ଲେଖାଏ, ବୁଗୁଡା, ଚିକିଟି, ଧରାକୋଟ, ହିଞ୍ଜିଳି, ଜଗନ୍ନାଥପ୍ରସାଦରୁ ୨ ଜଣ ଲେଖାଏ, ଦିଗପହଣ୍ଡିରୁ ୫, କୁକୁଡାଖଣ୍ଡିରୁ ୧୧, ରଙ୍ଗେଇଲୁଣ୍ଡାରୁ ୧୩ ଏବଂ ଅନ୍ୟ ସ୍ଥାନରୁ ୫ ଜଣ ଅଛନ୍ତି।

### ଅପହରଣ, ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

#### ନାବାଳିକାଙ୍କୁ ପରିବାରକୁ ହସ୍ତାନ୍ତର

ବୁଗୁଡ଼ା,୨।୫(ଡି.ଏନ.ଏ.): ବୁଗୁଡ଼ା ଥାନା ଅଞ୍ଚଳରୁ ଜଣେ ନାବାଳିକାକୁ ଅପହରଣ ଓ ବଳାତ୍କାର ଅଭିଯୋଗରେ ପୋଲିସ ରବିବାର ଜଣେ ଯୁବକଙ୍କୁ କୋର୍ଟ ଚାଲାଣ କରିବା ସହ ନାବାଳିକାଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର କରିଛି। ଗିରଫ ଯୁବକ ଜଣକ ହେଲେ ପୋଲସରା ଥାନା ମନ୍ଦାର ଗ୍ରାମର ନିଲୁ ଜେନା। ନାବାଳିକାଙ୍କ ମା'ଙ୍କ ଅଭିଯୋଗକ୍ରମେ ବୁଗୁଡ଼ା ଥାନାରେ ନଂ. ୧୯୬/୨୧ରେ ମାମଲା ରୁଜୁ ହୋଇଥିଲା। ପ୍ରକାଶ ଯେ, କବିସୂର୍ଯ୍ୟନଗର ଥାନା ଅଞ୍ଚଳର ଜଣେ ନାବାଳିକା ତାଙ୍କ ଭଉଣୀ ଘର ବୁଗୁଡ଼ାକୁ କିଛିଦିନ ହେଲା ଆସିଥିଲେ। ଏପ୍ରିଲ ୨୬ରେ ଉକ୍ତ ନାବାଳିକାଙ୍କୁ ଯୁବକ ଜଣକ ଅପହରଣ କରି ନେଇଥିବା ୨୭ ତାରିଖରେ ନାବାଳିକାଙ୍କ ମା' ବୁଗୁଡ଼ା ଥାନାରେ ଏତଲା ଦେଇଥିଲେ। ପୋଲିସ ଅନୁସନ୍ଧାନ କରି ଶନିବାର ନାବାଳିକା ଓ ଯୁବକଙ୍କୁ ସ୍ଥାନୀୟ ବସ୍‌ଷ୍ଟାଣ୍ଡରେ ଉଦ୍ଧାର କରିଥିଲା। ପରେ ଦୁହିଁଙ୍କୁ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀ ମାଇନା କରାଯାଇଥିଲା। ରବିବାର ଉଭୟଙ୍କୁ ବ୍ରହ୍ମପୁର କୋର୍ଟକୁ ନିଆଯାଇ ସେଠାରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି।

### ଟ୍ରାକ୍ଟର ଓଲଟିବା ଘଟଣା, ପୁଣି ଜଣେ ମୃତ

ପାତ୍ରପୁର,୨।୫(ଡି.ଏନ.ଏ.): ଜରଡ଼ା ଥାନା ନିକଟସ୍ଥ ପାଞ୍ଚଆମ୍ବ କଳ୍ପେଶ୍ୱର ମନ୍ଦିର ପାଖରେ ଗତ ୧୦ତାରିଖରେ ଟ୍ରାକ୍ଟର ଓଲଟି ୨ ଜଣ ମୃତ୍ୟୁ ଘଟିଥିବା ବେଳେ ୧୮ ଆହତ ହୋଇଥିଲେ। ଆହତମାନଙ୍କୁ ବ୍ରହ୍ମପୁର ମେଡିକାଲରେ ଚିକିତ୍ସା କରାଯାଇ ଗୃହକୁ ପଠାଯାଇଥିଲା। ଠଣାଗାଁର ଆହତ କଇରି ମାଳ ବିଶୋୟୀ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ରବିବାର ପୁଣି ସେ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଜରଡ଼ା ସ୍ୱାସ୍ଥ୍ୟ କେନ୍ଦ୍ର ନେଇଥିଲେ ମଧ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

### ଦୁର୍ଘଟଣାରେ ଆହତ ଯୁବକଙ୍କୁ ଚିକିତ୍ସା ଯୋଗାଇଲେ ଉପଜିଲାପାଳ

ବାଲିଗୁଡା,୨।୫(ଡି.ଏନ୍.ଏ.): କନ୍ଧମାଳ ଜିଲା ବାଲିଗୁଡା ଉପଜିଲାପାଳ ଡ. ଶୁଭଙ୍କର ମହାପାତ୍ର ରବିବାର ଜଣେ ଦୁର୍ଘଟଣାଗ୍ରସ୍ତ ଯୁବକଙ୍କୁ ଚିକିତ୍ସା ସେବା ଯୋଗାଇ ଦେଇଛନ୍ତି। ଉପଜିଲାପାଳ ମହାପାତ୍ର ବାଲିଗୁଡା ସହର ମଧରେ କୋଭିଡ୍ ମୁକାବିଲା ତଦାରଖ କରୁଥିବା ବେଳେ ଦଣ୍ଡପଦର ପେଟ୍ରୋଲ ପମ୍ପ ନିକଟରେ ଏକ ବାଇକ ଦୁର୍ଘଟଣାରେ ଚାଳକ ଆହତ ହୋଇ ପଡ଼ିରହିଥିବା ଦେଖିଥିଲେ। ଆହତ ଯୁବକଙ୍କୁ ଉପଜିଲାପାଳ ନିଜ ଗାଡ଼ିରେ ବସାଇ ତୁରନ୍ତ ସ୍ଥାନୀୟ ମେଡିକାଲକୁ ଆଣିଥିଲେ। ନିଜେ ସେହି ବ୍ୟକ୍ତିଙ୍କର ଚିକିତ୍ସା ମଧ କରିଥିଲେ। ଉପଜିଲାପାଳଙ୍କ ଏଭଳି ମହାନତାକୁ ବାଲିଗୁଡାର ଜନସାଧାରଣ ପ୍ରଶଂସା କରିଛନ୍ତି।

# କ୍ଷୁଦ୍ର ବ୍ୟବସାୟୀ, ଗରିବଙ୍କୁ ଆର୍ଥିକ ସହାୟତା ଜରୁରୀ

## କରୋନା ସଂକ୍ରମଣ ରୋକିପାରେ ଲକ୍‌ଡାଉନ୍

ବ୍ରହ୍ମପୁର ଅଫିସ୍,୨।୫

କରୋନା ମହାମାରୀର ଦ୍ୱିତୀୟ ସଂକ୍ରମଣ ଦ୍ରୁତ ଗତିରେ ବଢ଼ିଚାଲିଛି। ସଂକ୍ରମିତଙ୍କ ସାଙ୍ଗକୁ ମୃତ୍ୟୁ ସଂଖ୍ୟା ମଧ ଦିନକୁ ଦିନ ବୃଦ୍ଧି ପାଇଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଥମେ ନାଇଟ୍ କର୍ଫ୍ୟୁ ଜାରି କରାଯାଇଥିଲା। ଏହା ପରେ ରାଜ୍ୟର ସମସ୍ତ ସହରାଞ୍ଚଳରେ ସପ୍ତାହାନ୍ତ ଶଟ୍‌ଡାଉନ୍ ଘୋଷଣା କରାଯାଇଛି। ତଥାପି କରୋନା ସଂକ୍ରମଣକୁ ରୋକିବାରେ କୌଣସି ସୁଫଳ ମିଳିନାହିଁ। ଫଳରେ ରବିବାର ରାଜ୍ୟ ସରକାରଙ୍କ ପକ୍ଷରୁ ଆସନ୍ତା ୫ ତାରିଖଠାରୁ ୧୯ ଯାଏ ୧୪ ଦିନିଆ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଏହି ସମୟରେ ଜରୁରିକାଳୀନ ସେବା ସମେତ ଅତ୍ୟାବଶ୍ୟକ ସାମଗ୍ରୀ ବ୍ୟବସାୟ ନିମନ୍ତେ ଅନୁମତି ମିଳିଛି। ଚଳିତ ଲକ୍‌ଡାଉନ୍ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ କ୍ଷେତ୍ରରେ ବିଶେଷ ପ୍ରଭାବ ପକାଇବ ବୋଲି ମତପ୍ରକାଶ ପାଇଛି।

### ସେମାନେ ଯାହା କୁହନ୍ତି...



"କରୋନା ସଂକ୍ରମଣକୁ ରୋକିବାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଲକ୍‌ଡ଼ାଉନ୍ ପଦକ୍ଷେପ ସ୍ୱାଗତଯୋଗ୍ୟ। ଦେଶରେ ଅନ୍ୟ ରାଜ୍ୟମାନଙ୍କରେ ଲକ୍‌ଡ଼ାଉନ୍‌ରୁ ହିଁ ସଂକ୍ରମଣକୁ ରୋକାଯାଇ ପାରିଛି। ଓଡ଼ିଶାରେ ମଧ ସଂକ୍ରମଣକୁ ରୋକିବାରେ ସହାୟକ ହୋଇପାରିବ। ଚଳିତ ଥର ଲକ୍‌ଡ଼ାଉନ୍‌ରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଶ୍ରମ ଭିତ୍ତିକ କାର୍ଯ୍ୟ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ସୀମିତ ସଂଖ୍ୟକ କର୍ମଚାରୀ ମଧରେ କାର୍ଯ୍ୟ ଜାରି ରଖିବା, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କ୍ରୟ ନିମନ୍ତେ ସମୟ ଅବଧି ବୃଦ୍ଧି କାରଣରୁ ଜନସାଧାରଣଙ୍କୁ ସେତେଟା ପ୍ରଭାବ ପକାଇବ ନାହିଁ।

– ସୁଧାକର ପାତ୍ର, ଅର୍ଥନୀତି ବିଭାଗ ମୁଖ୍ୟ,ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ



"ରାଜ୍ୟ ସରକାରଙ୍କ ପକ୍ଷରୁ ଲକ୍‌ଡ଼ାଉନ୍ ପଦକ୍ଷେପ ସ୍ୱାଗତଯୋଗ୍ୟ। କିନ୍ତୁ କୋଭିଡ୍ ମହାମାରୀ ସମୟରେ ଗଞ୍ଜାମ ଜିଲାରେ ରୋଗୀଙ୍କୁ ଠିକ୍ ଚିକିତ୍ସା, ଭେଣ୍ଟିଲେଟର୍ ଓ ଆଇସିୟୁର ବ୍ୟବସ୍ଥା କ୍ଷେତ୍ରରେ ରାଜ୍ୟ ସରକାର ଯଥେଷ୍ଟ ଧ୍ୟାନ ଦେବା ଜରୁରୀ। ଏଥିପାଇଁ ଜଣେ ଆଇଏସ୍ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ ଆବଶ୍ୟକ। ଏଥିସହ ଲକ୍‌ଡ଼ାଉନ୍ ଗରିବ, ମଧ୍ୟବିତ୍ତଠାରୁ ଆରମ୍ଭ କରି କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟୀ ପ୍ରଭାବିତ ହେବା। ଏଣୁ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ଆର୍ଥିକ ସାହାର୍ଯ୍ୟର ସହଯୋଗ ଜରୁରୀ।

– କାହ୍ନୁ ଚରଣ ପତି, ଭାଜପା ବରିଷ୍ଠ ନେତା



"ଲକ୍‌ଡ଼ାଉନ୍ ପୂର୍ବରୁ ରାଜ୍ୟ ସରକାର ବିଭିନ୍ନ ବ୍ୟବସାୟ ସଂଗଠନର ପରାମର୍ଶକୁ ନେଇ ଭିନ୍ନ ଭିନ୍ନ ପନ୍ଥା ଆପଣାଉଥିଲେ। ବର୍ତ୍ତମାନ ରାଜ୍ୟ ସରକାର ନେଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ। ଏଥିସହ ଦାରିଦ୍ର୍ୟ ସୀମା ରେଖା ତଳେ ଥିବା ଜନସାଧାରଣଙ୍କୁ ଆର୍ଥିକ ସାହାର୍ଯ୍ୟ ପ୍ରଦାନ ଜରୁରୀ।

– ପୀତବାସ ପଣ୍ଡା, ରାଷ୍ଟ୍ରୀୟ ମଜଦୁର୍ କଂଗ୍ରେସ ଜିଲା ସଭାପତି



"ନିୟମିତ ରଣ୍ଡାରୁ ବ୍ରହ୍ମପୁର ଆସି ରିକ୍ସା ଚଳାଏ। ଦିନକୁ ଆୟ ମାତ୍ର ୧୦୦,୨୦୦ ଟଙ୍କା। ବର୍ତ୍ତମାନ ସମୟରେ ଲୋକେ ରିକ୍ସାକୁ ଆଗଭଳି ପସନ୍ଦ କରୁନାହାନ୍ତି। ଏହା ସହ ବୋଝ ଉପରେ ନଳିତା ବିଡ଼ା ଭଳି ଦାଉ ସାଧୁଛି କରୋନା। ଲକ୍‌ଡ଼ାଉନ୍ ହେଲେ ଘରେ ଚୁଲି ଜଳିବା ବନ୍ଦ ହେବ।

– ଅମର ଦାସ,ରିକ୍ସା ଚାଳକ



"ଠେଲାଗାଡ଼ିରେ ଚାଟ ବିକ୍ରି କରି ପରିବାର ଚଳାଏ। ପୂର୍ବରୁ ନାଇଟ କର୍ଫ୍ୟୁ ଯୋଗୁ ବ୍ୟବସାୟ କମିଯାଇଥିଲା। ଶନିବାର ରବିବାର ଦୁଇଦିନ ଭଲ ବ୍ୟବସାୟ ଆଶା ଥାଏ, କିନ୍ତୁ ତାହା ମଧ ଶଟଡ଼ାଉନ। ଏବେ ପୁଣି ଲକ୍‌ଡ଼ାଉନ୍। ଘରେ ଖାଇବା, ଘରଭଡ଼ା ଦେବା ଆଉ ପରିବାର ଖର୍ଚ୍ଚ ଭାବିଲେ ଆଖିରେ ଲୁଅ ଆସୁଛି।

– ନାରାୟଣ ସାହୁ, ଠେଲାଗାଡ଼ି ବ୍ୟବସାୟୀ

# ୩ ନୂଆ ସିଣ୍ଡିକେଟ ସଦସ୍ୟ ମନୋନୀତ

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ବ୍ରହ୍ମପୁର ଅଫିସ,୨।୫

ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପାଇଁ ୩ଜଣ ନୂଆ ସିଣ୍ଡିକେଟ ସଦସ୍ୟଙ୍କୁ ମନୋନୀତ କରାଯାଇଛି। ଚିଠି ନଂ –୧୯୦୧୭/ ୩୦।୪।୨୧ରେ ବିଜ୍ଞପ୍ତି ପ୍ରକାଶ ପାଇଛି। ସାଧାରଣ ବର୍ଗରେ ଆଇଆର ଏଣ୍ଡ ପିଏମ୍ ବିଭାଗ ଅବସରପ୍ରାପ୍ତ ପ୍ରଫେସର ଭବାନୀ ପ୍ରସାଦ ରଥ, ଜାତି ଓ ଜନଜାତି ବର୍ଗରେ ଉତ୍କଳ ବିଶ୍ୱବିଦ୍ୟାଳୟ ଭୂଗୋଳ ବିଭାଗ ମୁଖ୍ୟ ପ୍ରଫେସର କବୀର ମୋହନ ସେଠୀ ଏବଂ ମହିଳା ବର୍ଗରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗ ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ.ଅମିତା କୁମାରୀ ଚୌଧୁରୀ ମନୋନୀତ ହୋଇଛନ୍ତି। ସୁଚନାଯୋଗ୍ୟ, ପୂର୍ବରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ମୋଟ ୧୨ ଜଣ ସିଣ୍ଡିକେଟ ସଦସ୍ୟ ରହିଥିବା ବେଳେ ବର୍ତ୍ତମାନ ନୂତନ ଭାବେ ୩ ଜଣ ସଦସ୍ୟ ମନୋନୀତ ହେବା ସହ ସିଣ୍ଡିକେଟ ସଦସ୍ୟଙ୍କ ସଂଖ୍ୟା ୧୫ କୁ ବୃଦ୍ଧି ପାଇଛି। ଅତିଶୀଘ୍ର ଅନ୍ୟ ୮ ଜଣ ପ୍ରତିନିଧି ଚୟନ ହେବେ ବୋଲି ଜଣାପଡିଛି। ନୂତନ ଭାବେ ଚୟନ ହୋଇଥିବା ସିଣ୍ଡିକେଟ ସଦସ୍ୟମାନେ ଆଗାମୀ ୪ ବର୍ଷ ପର୍ଯ୍ୟନ୍ତ ଦାୟିତ୍ୱରେ ରହିବେ ବୋଲି ପିଜି କାଉନସିଲ ଅଧକ୍ଷା ପ୍ରଫେସର ରଥଙ୍କଠାରୁ ଜଣାପଡ଼ିଛି।

# ଯୌତୁକ ପାଇଁ ନବବଧୂ ହତ୍ୟା, ସ୍ୱାମୀ ଅଟକ

ବ୍ରହ୍ମପୁର ଅଫିସ,୨।୫

ଗଞ୍ଜାମ ଜିଲା ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଲାଞ୍ଜିପଲ୍ଲୀ ଶ୍ରୀକୃଷ୍ଣନଗରରେ ଯୌତୁକ ଦାବିରେ ନବବଧୂ ହତ୍ୟା ନେଇ ରବିବାର ଅଭିଯୋଗ ହୋଇଛି। ମୃତକଙ୍କ ନାମ ନନ୍ଦିନୀ ସ୍ୱାଇଁ (୨୪)। ନନ୍ଦିନୀଙ୍କ ବାପା ପଞ୍ଚାନନ ସ୍ୱାଇଁଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୧୧୬/୨୧ରେ ଏକ ଯୌତୁକ ଜନିତ ହତ୍ୟା ମାମଲା ରୁଜୁ କରିଛି। ଏହା ସହିତ ନନ୍ଦିନୀଙ୍କ ସ୍ୱାମୀ ଅକ୍ଷୟ ଆପଟଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଲାଞ୍ଜିପଲ୍ଲୀ ଶ୍ରୀକୃଷ୍ଣନଗରର ଅକ୍ଷୟ ଫେବୃୟାରି ୧୪ରେ ପାଟପୁର ଥାନା ଏରେଣ୍ଡ୍ରା ଗ୍ରାମର ପଞ୍ଚାନନଙ୍କ ଝିଅ ନନ୍ଦିନୀଙ୍କୁ ବାହା ହୋଇଥିଲେ। ବାହାଘର ସମୟରେ ସୁନା ଗହଣା, ଟଙ୍କା ଓ ଘରକରଣା ସାମଗ୍ରୀ ଦିଆଯାଇଥିଲା। କିନ୍ତୁ ଶନିବାର ରାତିରେ ଝିଅର ମୃତ୍ୟୁ ଘଟିଥିବା ନେଇ ବାପା ପଞ୍ଚାନନ ଖବର ପାଇଥିଲେ। ଝିଅକୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଧିକ ଯୌତୁକ ପାଇଁ ଝିଅକୁ ନିର୍ଯାତନା ଦେଇ ଶ୍ୱଶୁର ଘର ଲୋକ ହତ୍ୟା କରିଥିବା ନେଇ ବାପା ପଞ୍ଚାନନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସ୍ୱାମୀ ଅକ୍ଷୟଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି। ଅନ୍ୟପଟେ ମୃତ ମହିଳାଙ୍କ ଶାଶୁ, ନଣନ୍ଦ ଓ ନଣନ୍ଦେଇଙ୍କ ନାମରେ ଅଭିଯୋଗ ହୋଇଥିବା ବେଳେ ସେମାନେ ଫେରାର ଥିବା ପୋଲିସ କହିଛି।

# ଆଇଟିଆଇର ଅକ୍ସିଜେନ ସିଲିଣ୍ଡର ଲିଫ୍ଟର ନିର୍ମିତ

ବ୍ରହ୍ମପୁର ଅଫିସ୍,୨।୫



ଶିକ୍ଷାନୁଷ୍ଠାନ ପକ୍ଷରୁ ନିର୍ମିତ ହୋଇଥିବା ଅକ୍ସିଜେନ୍ ସିଲିଣ୍ଡର ଲିଫ୍ଟର।

ବ୍ରହ୍ମପୁର ଆଇଟିଆଇ ବୈଷୟିକ ଶିକ୍ଷାନୁଷ୍ଠାନ ପକ୍ଷରୁ ଶନିବାର ଏକ ସିଲିଣ୍ଡର ଲିଫ୍ଟର ନିର୍ମାଣ କରାଯାଇଛି। ଶିକ୍ଷାନୁଷ୍ଠାନ ଶିକ୍ଷକମାନେ ଏହି ଲିଫ୍ଟରକୁ ନିର୍ମାଣ କରିଛନ୍ତି। ବର୍ତ୍ତମାନ କୋଭିଡ୍ ମହାମାରୀ ସମୟରେ କୋଭିଡ୍ ହସ୍ପିଟାଲଗୁଡ଼ିକରେ ଏହା ସହାୟକ ହୋଇପାରିବ ବୋଲି ଶିକ୍ଷାନୁଷ୍ଠାନ ଅଧକ୍ଷ ଡ. ରଜତ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଏହି ଲିଫ୍ଟର ମାଧମରେ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଅକ୍ସିଜେନ ସିଲିଣ୍ଡରଗୁଡ଼ିକୁ ସହଜରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରଣ କରାଯାଇପାରିବ। ଏହି ଲିଫ୍ଟର ୧୬୦ କେ.ଜି. ଓଜନର ଅକ୍ସିଜେନ୍ ସିଲିଣ୍ଡର ବୋହିବାର କ୍ଷମତା ରହିଛି। ହସ୍ପିଟାଲ ମଧରେ ରହିଥିବା ଶଯ୍ୟା ନିକଟକୁ ସହଜରେ ଏହା ସ୍ଥାନାନ୍ତର ହୋଇପାରିବ। ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତିଭାସନ୍‌ଙ୍କ ପରାମର୍ଶ କ୍ରମେ ଶିକ୍ଷାନୁଷ୍ଠାନ ପକ୍ଷରୁ ଏଭଳି ଲିଫ୍ଟର ନିର୍ମାଣ କରାଯାଇଥିବା ଅଧକ୍ଷ କହିଛନ୍ତି। ୫ ଜଣିଆ ସଦସ୍ୟ ଏହାକୁ ନିର୍ମାଣ କରିବାରେ ସହଯୋଗ କରିଥିଲେ। ଏଥିରେ ଶିକ୍ଷକ ବିଚିତ୍ର ନନ୍ଦ ପଡିଆରୀ ନେତୃତ୍ୱ ନେଇଥିଲେ। ଜିଲା ପ୍ରଶାସନର ସହଯୋଗ କ୍ରମେ ଏହି ଲିଫ୍ଟର କୋଭିଡ୍ ହସ୍ପିଟାଲକୁ ବ୍ୟବହାର ନିମନ୍ତେ ପଠାଯିବ ବୋଲି ଅଧକ୍ଷ ପ୍ରକାଶ କରିଛନ୍ତି।

# ପୁଇଁତୋଳାରେ ପାନୀୟ ଜଳ ସମସ୍ୟା

ଗଞ୍ଜାମ,୨।୫(ଡି.ଏନ.ଏ.)

ଗଞ୍ଜାମ ଏନ୍‌ଏସି ପୁଇଁତୋଳା ସାନ ସାହିରେ ଦୀର୍ଘ ଏକ ବର୍ଷରୁ ଊର୍ଦ୍ଧ୍ୱ ହେବ ପାନୀୟ ଜଳ ସମସ୍ୟା ଲାଗି ରହିଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଜନସ୍ୱାସ୍ଥ୍ୟ ବିଭାଗକୁ ବାରମ୍ବାର ଅବଗତ କରାଯାଉଥିଲେ ମଧ କୌଣସି ସୁଫଳ ମିଳୁନି ବୋଲି ଅଭିଯୋଗ ହୋଇଛି। ସାହିରେ କିଛି ବ୍ୟକ୍ତି ପିଏଚ୍‌ଡିର ବିନା ଅବଗତିରେ ଘରକୁ ପାଣି ସଂଯୋଗ କରିବା ସହ ମୋଟର ବ୍ୟବହାର ଯୋଗୁ ପାନୀୟ ଜଳ ସମସ୍ୟା ଦେଖାଦେଉଛି ବୋଲି ପିଏଚ୍‌ଡି ଏସ୍‌ଡିଓ ଡମ୍ବରୁ ନାୟକ ଯୋଗାଯୋଗ ବେଳେ କହିଛନ୍ତି। ଅନ୍ୟପଟେ ଖୁବ୍ କମ୍ ଦିନରେ ସମାଧାନ ହୋଇଯିବ ବୋଲି ସେ କହିଛନ୍ତି। ସେହିପରି ଗଞ୍ଜାମ ସହରାଞ୍ଚଳର ବିଭିନ୍ନ ୱାର୍ଡରେ ପାନୀୟଜଳ ସମସ୍ୟା ଲାଗିରହିଥିବା ଦେଖିବାକୁ ମିଳିଛି। ଏ ନେଇ ଗ୍ରାମରେ ଆଉ ଏକ ଜଳ ପ୍ରକଳ୍ପ ବ୍ୟବସ୍ଥା କରିବା ଲାଗି ଜନସ୍ୱାସ୍ଥ୍ୟ ବିଭାଗ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରୁଛନ୍ତି।

# କରୋନା ଭୟରେ ମିଳିଲାନି କାନ୍ଧ

## ପ୍ରଶାସନ ସହଯୋଗରେ ଅନ୍ତିମ ସଂସ୍କାର

ହିଞ୍ଜିଳିକାଟୁ,୨।୫(ଡି.ଏନ୍.ଏ.)

କରୋନା ସଂକ୍ରମଣ ଭୟରେ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ଚାରି କାନ୍ଧ ନ ମିଳିବାରୁ ପ୍ରଶାସନ ସହଯୋଗରେ କେତେଜଣ ସ୍ୱେଚ୍ଛାସେବୀ ତାଙ୍କର ଅନ୍ତିମ ସଂସ୍କାର କରିଛନ୍ତି। ହିଞ୍ଜିଳିକାଟୁ ବ୍ଲକ ସମରଝୋଳଠାରେ ରବିବାର ଏପରି ଘଟଣା ଦେଖିବାକୁ ମିଳିଛି। ସମରଝୋଳର ଡି. ଗୋବିନ୍ଦ ପାରାଦୀପଠାରେ କାମ କରୁଥିଲେ। ଶନିବାର ରାତିରେ ସେ ଗାଁକୁ ଫେରିଥିଲେ। ରବିବାର ସକାଳେ ତାଙ୍କର କୌଣସି କାରଣରୁ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାରରେ ସ୍ତ୍ରୀ ଓ ୩ ନାବାଳିକା ଝିଅ ଅସହାୟ ହୋଇପଡ଼ିଥିଲେ ମଧ କରୋନା ଭୟରେ ଗୋବିନ୍ଦଙ୍କ ସମ୍ପର୍କୀୟ କିମ୍ବା ଗ୍ରାମବାସୀ କେହି ବି ପାଖ ମାଡ଼ି ନ ଥିଲେ। ଶ୍ମଶାନକୁ ମୃତଦେହ ନେବାକୁ ମଧ କେହି ରାଜି ହୋଇ ନ ଥିଲେ। ଏହି ଖବର ପ୍ରଚାରିତ ପରେ ହିଞ୍ଜିଳିକାଟୁ ବିଡିଓ, ଅତିରିକ୍ତ ତହସିଲଦାର, ଜିଆରଏସ, ପୌର ନିର୍ବାହୀ ଅଧିକାରୀ ଓ ଦମକଳବାହିନୀ ଗ୍ରାମରେ ପହଞ୍ଚି ଥିଲେ। ଗ୍ରାମର କେତେଜଣ ସ୍ୱେଚ୍ଛାସେବୀଙ୍କୁ ପିପିଇ କିଟ ଓ ଅନ୍ୟାନ୍ୟ ସୁବିଧା ଦେବା ପରେ ମୃତଦେହ ସତ୍କାର ହୋଇଥିଲା। ପ୍ରଶାସନିକ ଅଧିକାରୀ ଓ ସ୍ୱେଚ୍ଛାସେବୀଙ୍କ ସହଯୋଗକୁ ଗଞ୍ଜାମ ଜିଲାପାଳ ଟୁଇଟରରେ ପ୍ରଶଂସା କରିଛନ୍ତି।

# ଶ୍ରମିକ ଦିବସରେ କେବଳ ପତାକା ଉତ୍ତୋଳନ

## ବ୍ରହ୍ମପୁରରେ ହେଲାନି ସଭା, ଶୋଭାଯାତ୍ରା

ବ୍ରହ୍ମପୁର ଅଫିସ,୨।୫

ବ୍ରହ୍ମପୁରରେ କରୋନା ସଂକ୍ରମଣ ବଢ଼ି ଚାଲିଥିବାରୁ କଂଗ୍ରେସର ଶ୍ରମିକ ସଂଗଠନ ଆଇଏନଟିୟୁସି ଗତ ଶନିବାର ପାଳିଲାନି ବିଶ୍ୱ ଶ୍ରମିକ ଦିବସ। ବାମପନ୍ଥୀ ଦଳ ସିପିଏମ୍ ଓ ସିପିଆଇର ଶ୍ରମିକ ସଂଗଠନ ଯଥାକ୍ରମେ ସିଆଇଟିୟୁ ଏବଂ ଏଆଇଟିୟୁସି କେବଳ ପତାକା ଉତ୍ତୋଳନ କରିଥିଲା। ପୂର୍ବରୁ ଏହି ଦିବସରେ ମହାନଗରରେ ହେଉଥିବା ଶ୍ରମିକ ସମାବେଶ ଓ ଶୋଭାଯାତ୍ରା କରାଯାଇ ନ ଥିଲା। ସିଆଇଟିୟୁ ପକ୍ଷରୁ ହିଲପାଟଣା କାର୍ଯ୍ୟାଳୟରେ, ଶିଳ୍ପାଞ୍ଚଳ ଆଙ୍କୁଲି ଓ କୁମ୍ଭାରପଲ୍ଲୀରେ ପୃଥକ ଭାବେ କୋଭିଡ୍ ଗାଇଡ୍‌ଲାଇନ ପ୍ରକାରେ ମାତ୍ର ୨ ରୁ ୩ ଜଣ ଲେଖାଏ ରହି ପତାକା ଉତ୍ତୋଳନ କରାଯାଇଥିଲା। ଶ୍ରମିକ ନେତା ଯୁଧିଷ୍ଠିର ବେହେରା, ବସନ୍ତ ନନ୍ଦ, ବାବୁଲା ନାୟକ, ପ୍ରତାପ ଚୌଧୁରୀ, ଅଶୋକ ଦାସ ଓ ଶିବ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେହିପରି ଏଆଇଟିୟୁସି ପକ୍ଷରୁ ପାର୍କ ସାହିସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ପତାକା ଉତ୍ତୋଳନ ବେଳେ ସିପିଆଇ ଗଞ୍ଜାମ ଜିଲା ସମ୍ପାଦକ ପ୍ରକାଶ ପାତ୍ର, ଯୁବ ସଂଘ ନେତା କାମଦେବ ନାହାକ, ରୋହିତ ବିଶୋୟୀ ଓ ରବୀନ୍ଦ୍ର ନାୟକ ଉପସ୍ଥିତ ଥିଲେ। କରୋନା ମହାମାରୀ ସ୍ଥିତି ବିଗିଡ଼ିବାରେ ଲାଗିଥିବାରୁ ସମାବେଶ ଉପରେ ସରକାରୀ କଡ଼ା କଟକଣା ଜାରି ହୋଇଛି। ତେଣୁ ନିୟମ ଅନୁପାଳନ ଲାଗି ଶ୍ରମିକ ଦିବସରେ ସଭା ଏବଂ ପତାକା ମଧ ଉତ୍ତୋଳନ କରାଯାଇନଥିବା ଆଇଏନଟିୟୁସି ଜିଲା ସଭାପତି ପୀତବାସ ପଣ୍ଡା ସୂଚାଇଛନ୍ତି। ଶନିବାର ଶଟ୍‌ଡାଉନ ଥିବାରୁ ସବୁ କାର୍ଯ୍ୟକ୍ରମ ବନ୍ଦ କରାଯାଇଥିବା ସେ ଦର୍ଶାଇଛନ୍ତି।

# ଭଞ୍ଜନଗର ଉପଖଣ୍ଡରେ ପଜିଟିଭ ସଂଖ୍ୟା ବଢ଼ୁଛି

ଭଞ୍ଜନଗର,୨।୫(ଡି.ଏନ.ଏ.)

ଭଞ୍ଜନଗର ଉପଖଣ୍ଡର ୮ ବ୍ଲକ ଓ ୫ ଏନ୍‌ଏସିରେ କରୋନାର ଦ୍ୱିତୀୟ ଲହରରେ ଶନିବାର ସୁଦ୍ଧା ୫୭୪ ଜଣ ସଂକ୍ରମିତ ହୋଇଛନ୍ତି। ସେଥିମଧ୍ରୁ ୨୬୬ ଜଣ ସୁସ୍ଥ ହୋଇଥିବା ବେଳେ ୪ ଜଣଙ୍କ ମୃତ୍ୟୁ ଘଟିଛି। ଏବେ ୩୦୪ ଜଣ ସକ୍ରିୟ କରୋନା ରୋଗୀ ଅଛନ୍ତି। ଭଞ୍ଜନଗର ବ୍ଲକ ଓ ଏନଏସିରେ ସଂକ୍ରମିତଙ୍କ ସଂଖ୍ୟା ବଢୁଥିବା ଯୋଗୁ ଚିନ୍ତାର କାରଣ ହୋଇଛି। ଉପ ଜିଲାପାଳଙ୍କ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ, ଆସିକା ବ୍ଲକ ଓ ଏନ୍‌ଏସିରେ ଶନିବାର ସୁଦ୍ଧା ୪୯ ଆକ୍ରାନ୍ତ ସକ୍ରିୟ ଅଛନ୍ତି । ଭଞ୍ଜନଗରରେ ସର୍ବାଧିକ ୮୦, ବେଲଗୁଣ୍ଠାରେ ୨୧, ବୁଗୁଡ଼ାରେ ୪୫, ଧରାକୋଟରେ ୧୯, ଜଗନ୍ନାଥପ୍ରସାଦରେ ୨୮, ଶେରଗଡ଼ରେ ୨୯, ସୋରଡ଼ାରେ ୩୩ ସକ୍ରିୟ ମାମଲା ରହିଛି। ଭଞ୍ଜନଗର ଡ଼େଡ଼ିକେଟେଡ଼ କୋଭିଡ୍ ସ୍ୱାସ୍ଥ୍ୟସେବା କେନ୍ଦ୍ରରେ ରବିବାର ସୁଦ୍ଧା ୨୮ଜଣ ଚିକିତ୍ସିତ ହେଉଛନ୍ତି । କରୋନାକୁ ମୁକାବିଲା କରିବାକୁ ହେଲେ ଲୋକେ ଘରୁ ବାହାରକୁ ବାହାରିଲେ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ପଡ଼ିବ । ମାସ୍କ ବ୍ୟବହାର କରିବା ସହ ନିୟମିତ ସାବୁନରେ ହାତ ସଫା କରିବାକୁ ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ କହିଛନ୍ତି।

# ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ଅକ୍ସିଜେନ ପ୍ଲାଣ୍ଟ

## ବ୍ରହ୍ମପୁର ବଡ଼ ମେଡିକାଲ

■ଭିତ୍ତିଭୂମି ନିର୍ମାଣ କାମ ଆରମ୍ଭ

ବ୍ରହ୍ମପୁର ଅଫିସ, ୨।୫



ବ୍ରହ୍ମପୁର ବଡ଼ ମେଡିକାଲ କଲେଜ

ବ୍ରହ୍ମପୁର ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ କଲେଜ ଓ ହସ୍ପିଟାଲରେ ବହୁ ପ୍ରତୀକ୍ଷିତ ଅକ୍ସିଜେନ ପ୍ଲାଣ୍ଟ ସ୍ୱପ୍ନ ଖୁବ୍‌ଶୀଘ୍ର ପୂରଣହେବାକୁ ଯାଉଛି। ଏଥିପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାମ ଜାରି ରହିଛି। ମାସକ ମଧରେ ଅକ୍ସିଜେନ ପ୍ଲାଣ୍ଟ ପ୍ରତିଷ୍ଠା କାମ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଅଧୀକ୍ଷକ ପ୍ରଫେସର ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି। ଏହି ପ୍ଲାଣ୍ଟ ପ୍ରତିଷ୍ଠା ହେବା ପରେ ରୋଗୀମାନେ ବିଶେଷ ଭାବେ ଉପକୃତ ହେବେ। ଆଉ ରୋଗୀଙ୍କ ନିକଟକୁ ଅକ୍ସିଜେନ୍ ସିଲିଣ୍ଡର ବୋହିବାକୁ ପଡ଼ିବ ନାହିଁ। ସିଧାସଳଖ ପ୍ଲାଣ୍ଟରୁ ପାଇପ୍ ଦ୍ୱାରା ଶଯ୍ୟା ନିକଟକୁ ଅକ୍ସିଜେନ୍ ଯୋଗାଣ ହେବ। ବଡ଼ ଡାକ୍ତରଖାନା ଉପରେ ଦକ୍ଷିଣ ଓଡ଼ିଶା ସମେତ ପଡ଼ୋଶୀ ଆନ୍ଧ୍ର ସୀମାନ୍ତ ଅଞ୍ଚଳରେ ରହୁଥିବା ଲୋକେ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରନ୍ତି। ପ୍ରତିଦିନ ଡାକ୍ତରଖାନାକୁ ପ୍ରାୟ ୪ହଜାର ରୋଗୀ ଆସିଥାନ୍ତି। ରୋଗୀଙ୍କୁ ଉତ୍ତମ ସେବା ଯୋଗାଇବା ପାଇଁ ଆନୁଷଙ୍ଗିକ ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ପୁରୁଣା ଇନ୍‌ଡୋର କୋଠାରେ ଥିବା ସମସ୍ତ ବିଭାଗକୁ ନୂତନ କୋଠାକୁ ସ୍ଥାନାନ୍ତର କରାଯାଇଛି। ନୂତନ କୋଠାରେ ସ୍ତ୍ରୀ ଓ ପ୍ରସୂତି ବିଭାଗ କାର୍ଯ୍ୟକ୍ଷମ ଥିବା ବେଳେ ପିଏମ୍‌ଆର୍ କୋଠା, ରେଡିଓ ଡାଇଗ୍ନୋଷ୍ଟିକ୍ କୋଠା, କାଜୁଆଲିଟି, ମେଡିସିନ୍, ସର୍ଜରୀ, ଅସ୍ଥିଶଲ୍ୟ ଓ ଶିଶୁ ବିଭାଗ ପ୍ରଭୃତି କାର୍ଯ୍ୟକ୍ଷମ ରହିଛି। ନୂତନ କୋଠାରେ ରୋଗୀଙ୍କ ଶଯ୍ୟା ନିକଟକୁ ଅକ୍ସିଜେନ୍ ଗ୍ୟାସ୍ ପାଇପ୍ ସଂଯୋଗ କରାଯାଇଛି। ସେହି ପାଇପ୍ ଜରିଆରେ ଅକ୍ସିଜେନ୍ ଯୋଗାଣ ହେଉଛି। ଯେଉଁ ସ୍ଥାନରେ ପାଇପ୍ ନାହିଁ ସେଠାରେ ସିଲିଣ୍ଡର୍ ଦ୍ୱାରା ରୋଗୀଙ୍କୁ ଅକ୍ସିଜେନ୍ ଦିଆଯାଉଛି। ଏବେ ପାଇପ୍ ଜରିଆରେ ପୁରୁଣା ଢାଞ୍ଚାରେ ସିଲିଣ୍ଡରରୁ ମେଡିଫୋଲ୍ଡ ରୁମ୍ ଦେଇ ଅକ୍ସିଜେନ୍ ଦିଆଯାଉଛି। ଦକ୍ଷିଣ ଓଡ଼ିଶା ସମେତ ପଡୋଶୀ ଆନ୍ଧ୍ରପ୍ରଦେଶ ରୋଗୀମାନଙ୍କ ଲାଇଫ ଗାର୍ଡ ସାଜିଥିବା ବଡ଼ ମେଡିକାଲରେ ଅକ୍ସିଜେନ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି ହୋଇ ଆସୁଥିଲା। ୨୦୧୭ରେ ବଡ଼ ମେଡିକାଲରେ କେବଳ ସୁପରସ୍ପେଶିଆଲିଟି କୋଠା ପାଇଁ ଅକ୍ସିଜେନ୍ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ଯୋଜନା ହୋଇଥିଲା। ଏଥିପାଇଁ ଟେଣ୍ଡର୍ ପ୍ରକ୍ରିୟା ମଧ ଆରମ୍ଭ ହୋଇଥିଲା। କିନ୍ତୁ ତାହା ଅଧାବାଟରେ ବନ୍ଦ ହୋଇ ଯାଇଥିଲା। ଗତବର୍ଷ କରୋନାର ପ୍ରଥମ ଲହର ସମୟରେ ଅକ୍ସିଜେନ୍ ପ୍ଲାଣ୍ଟ ପ୍ରତିଷ୍ଠା ନେଇ ପୁଣି ଥରେ ବିଭିନ୍ନ ମହଲରେ ଦାବି ହୋଇଥିଲା। ସେ ନେଇ ଗତବର୍ଷ ଟେଣ୍ଡର ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇଥିଲା। ଲିଣ୍ଡେ ନାମକ ଏକ ସଂସ୍ଥା ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ଟେଣ୍ଡର ପାଇଛି। ଏହି ସଂସ୍ଥା ତରଫରୁ ସୁପରସ୍ପେଶିଆଲିଟି ବ୍ଲକ ନିକଟରେ ସ୍ଥାନ ନିରୂପଣ କରାଯାଇଛି। ସେଠାରେ ପ୍ଲାଣ୍ଟ ତିଆରି ପାଇଁ କାମ ଆରମ୍ଭ ହୋଇଥିବା ଅଧୀକ୍ଷକ ପ୍ରଫେସର ମିଶ୍ର ସୂଚନା ଦେଇଛନ୍ତି। ଜୁନ୍ ପ୍ରଥମ ସପ୍ତାହ ମଧରେ ସଂସ୍ଥା ତରଫରୁ ସମସ୍ତ କାମ ସମାପ୍ତ କରାଯିବ ବୋଲି ଅଧୀକ୍ଷକ ଆଶା କରୁଥିବା ନେଇ ସୂଚନା ଦେଇଛନ୍ତି।

BIKASHA FINANCE
BIKASHA FINANCE
ସମସ୍ତ ପ୍ରକାର LOAN
ଯୋଗାଇ ଦେଉଛି। ମାର୍କଶିଟ,
ପର୍ସନାଲ, ସମ୍ପତ୍ତି, ଗୃହ,
ବ୍ୟବସାୟ, କୃଷି, ଶିକ୍ଷା,
କୁକୁଡ଼ା ଓ ଗୋପାଳନ ଇତ୍ୟାଦି
ସମସ୍ତ ପ୍ରକାର LOAN
ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279
7656825022
Retamunda, Bhatigaon, Baragarh

ପୂର୍ବ ତଟ ରେଳପଥ
ଶୁଦ୍ଧିପତ୍ର
ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCPMIVSKP2021019, ତା.12.04.2021 ରିଖ
ଟେଣ୍ଡର ବିଜ୍ଞପ୍ତି ଏବଂ ଟେଣ୍ଡର ନଥିପତ୍ରରେ ନିମ୍ନବର୍ଣ୍ଣିତ ରୂପାନ୍ତରଣ କରାଯାଇଛି, ଯାହାକୁ ଦୟାକରି ନୋଟ୍ କରାଯିବା ଉଚିତ୍ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ସଂଶୋଧିତ ଅନୁଯାୟୀ ତା.20.05.2021 ରିଖ 1200 ଘଟିକା ।
ଟେଣ୍ଡର ନଥିପତ୍ରରେ "ଅନୁରୂପ ଧରଣର କାର୍ଯ୍ୟ" କୁ ରୂପାନ୍ତରିତ କରାଯାଇଛି । ଅନ୍ୟ ସମସ୍ତ ନିୟମ ଏବଂ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ ।
ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ), ଭୁବନେଶ୍ୱର
PR-09/CE/21-22

ପୂର୍ବ ତଟ ରେଳପଥ
ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCPMIIVSKP 2021022, ତା.28.04.2021ରିଖ
କାର୍ଯ୍ୟର ନାମ: ୱାଲ୍ଟିୟର ମଣ୍ଡଳର କୋରାପୁଟ-ସିଙ୍ଗାପୁର ରୋଡ୍ ଦୋହରୀକରଣ ଲାଇନର ଟିକିରି-ସିଙ୍ଗାପୁର ରୋଡ୍ ଷ୍ଟେସନ ମଧରେ IBS ଗୁମଟି ବିଲ୍ଡିଙ୍ଗ୍ ଏବଂ ସମ୍ପର୍କିତ କାର୍ଯ୍ୟଗୁଡ଼ିକର ସମାଧାନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 43.92 ଲକ୍ଷ, କାର୍ଯ୍ୟ ଶେଷ ହେବା ଅବଧି : 04(ଚାରି)ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.20.05.2021 ରିଖ 1200 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଯାଞ୍ଚ ସୂଚୀ ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକର ଅନୁପାଳନ ସୁନିଶ୍ଚିତ କରନ୍ତୁ ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-10/CE/21-22

